## ସଂକ୍ଷେପରେ

### ବଦଳିଲେ ମହାନଗର ନିଗମ କମିଶନର



ବ୍ରହ୍ମପୁର,୧୨।୩( ଅଶୋକ କୁମାର ସାହୁ) ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେସ ଅରବିନ୍ଦ ରାଜସିର୍କେ ମାଲକାନାଗିରି ଜିଲାପାଳ ଭାବେ ବଦଳି ହୋଇଛି। ତାଙ୍କ ସ୍ଥାନରେ ଜୟପୁରରେ କାର୍ଯ୍ୟରତ ଉପଜିଲାପାଳ ମହିଳା ଆଇଏଏସ ଅଫିସର ଏ.ଶସୟା ରେଡି ଯୋଗଦେବେ ବୋଲି ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

### ମ୍ୟୁଲ୍ ଆକାଉଣ୍ଟରେ ଟଙ୍କା କାରବାର, ୪ ଗିରଫ

ଛତ୍ରପୁର/ଆସିକା,୧୨।୩ (ଦିଲୀପ ସାମଲ/ସୁରେନ୍ଦ୍ର ନାଥ ସାହୁ): ବେଆଇନ ଭାବେ ଟଙ୍କା କରବାର ଅଭିଯୋଗରେ ଗଞ୍ଜାମ ପୋଲିସ ଜିଲା ଅଧୀନ ବିଭିନ୍ନ ଥାନା ୪ ଜଣଙ୍କୁ ଗିରଫ କରିଛି। ବ୍ୟାଙ୍କରେ ମ୍ୟୁଲ୍ ଆକାଉଣ୍ଟ ଖୋଲି ଟଙ୍କା ନେଣଦେଣ କରିଥିବା ଛତ୍ରପୁର ଥାନା ଅଧିନ ଶାନ୍ତିନଗରର ଶିବରାମ ସାହୁ(୨୮)ଙ୍କୁ ଗଞ୍ଜାମ ସାଇବର ଥାନା ପୋଲିସ ଗିରଫ କରିଛି । ତାଙ୍କ ନାମରେ ଅଭିଯୋଗ ପରେ ସାଇବର ଥାନା ନଂ.୧/୨୬ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା । ଶିବରାମ ଖୋଲିଥିବା ବେନାମୀ ବ୍ୟାଙ୍କ ଖାତାରେ ୩୦ ଲକ୍ଷ ୯୪ ହଜାର ୪୦୭ ଟଙ୍କା କାରବାର କରାଯାଇଥିବା ଗଞ୍ଜାମ ସାଇବର ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ବେହେରା ସୂଚନା ଦେଇଛନ୍ତି । ସେହିପରି ପୋଲିସ ଜିଲାରେ ଜାରି ରହିଥିବା ଅପରେଶନ 'କବଚ'ରେ ଛତ୍ରପୁର ପୋଲିସ ସାଇବର ଅପରାଧର ମାଷ୍ଟରମାଇଣ୍ଡ ଛତ୍ରପୁରର ଶୁଭମ ଚୌଧୁରୀଙ୍କୁ ଗିରଫ କରିଛି। ସେ ଦୀର୍ଘଦିନ ହେଲା ଫେରାର ଥିଲେ ବୋଲି ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ସୂଚନା ଦେଇଛନ୍ତି । ସେହିପରି ଆସିକା ପୋଲିସ ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଗାଙ୍ଗପୁର ଥାନା ଅଞ୍ଚଳର ଯୋଗେନ୍ଦ୍ର ବେହେରା ଓ ବେଲଗୁଣ୍ଠା ଅଞ୍ଚଳର ମନୋଜ କୁମାର ବେହେରା । ଅଭିଯୁକ୍ତଦ୍ୱୟ ୧ବର୍ଷ ମଧ୍ୟରେ ବେନାମୀ ବ୍ୟାଙ୍କ ଖାତା ଖୋଲି ୧୮ ଲକ୍ଷ ଟଙ୍କା କାରବାର କରିଥିବା ଆସିକା ଥାନା ଅଧିକାରୀ ସୁଧିର ସାହୁ ସୂଚନା ଦେଇଛନ୍ତି ।

### ବିଲରୁ ମୃତଦେହ ଠାବ

ଗୋପାଳପୁର,୧୨।୩(ନବୀନ ରାଜ ଆଚାରୀ) ଗୋପାଳପୁର ଥାନା ଭାବିନାରାୟଣପୁର ଗ୍ରାମର ଏକ ବିଲରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ବ୍ରହ୍ମପୁର ଗେଟ ବଜାର ଅଞ୍ଚଳର ସୁବାଷ ନାୟକ (୬୦)। ଭାବିନାରାୟଣପୁର ଗ୍ରାମର କେ.ସୋମେୟା ଘରେ ଦୀର୍ଘ ୨ ବର୍ଷ ହେଲା ସୁବାଷ କାମ କରି ଆସୁଥିଲେ। ବୁଧବାର ରାତି ପ୍ରାୟ ୮ ଟାରେ ସୋମେୟା ତାଙ୍କ ଫୋନ ଯୋଗେ ସ୍ତ୍ରୀଙ୍କୁ ସୁବାଷ ବିଲରେ ମୃତ୍ୟୁ ହୋଇଥିବା ନେଇ କହିଥିଲେ। ସ୍ତ୍ରୀ ବାସନ୍ତୀ ସେଠାରେ ପହଞ୍ଚି ସ୍ୱାମୀ ମୁହଁମାଡ଼ି ପଡ଼ିଥିବା ଦେଖିବାକୁ ପାଇଥିଲେ। ଏନେଇ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୮/୨୬ରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ରହ୍ମପୁର ବଡ଼ ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ଅପରାହ୍ନରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଆରମ୍ଭ କରିଛି।

# ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନକାରୀ ୫୬ କର୍ମଚାରୀଙ୍କୁ ଜରିମାନା

ଛତ୍ରପୁର,୧୨।୩(ଦିଲୀପ ସାମଲ)

ଗଞ୍ଜାମ ଜିଲାରେ ଦୈନିକ ସଡକ ଦୁର୍ଘଟଣା ଅଧିକ ହେଉଥିବା ଲକ୍ଷ୍ୟ କରାଯାଉଛି। ଏହାକୁ ନେଇ ଜିଲା ପ୍ରଶାସନ ଉଦ୍‌ବେଗ ପ୍ରକାଶ କରିଛି। ଗଞ୍ଜାମ ଜିଲାର ସମସ୍ତ କର୍ମଚାରୀ ସଡକ ସୁରକ୍ଷା ନିୟମ ମାନିବାକୁ ଜିଲାପାଳ ଭି.କୀର୍ତ୍ତିଭାସନ ଆହ୍ୱାନ ଦେଇଛନ୍ତି। ନିୟମ ନ ମାନିଲେ ମୋଟର ଯାନ ଆଇନ ଅନୁସାରେ ଜରିମାନା, ଦଣ୍ଡ, ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ଓ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସବୁ ବିଭାଗ ମୁଖ୍ୟମାନେ

### ମାନିଲେନି ଜିଲାପାଳଙ୍କ ନିର୍ଦ୍ଦେଶ

ନିଜ କାର୍ଯ୍ୟାଳୟ ପରିସରରେ ଉକ୍ତ ନିର୍ଦ୍ଦେଶାବଳୀକୁ କଠୋରତାର ସହ ପାଳନ କରିବାକୁ ପୂର୍ବରୁ ନୋଟିସ ଜାରି କରାଯାଇଥିଲା। ତେବେ କେତେ ଜଣ ସରକାରୀ କର୍ମଚାରୀ କାର୍ଯ୍ୟାଳୟକୁ ଆସିବା ସମୟରେ ହେଲମେଟ ପରିଧାନ ନ କରି ଧରାପଡିଛନ୍ତି । ଗଞ୍ଜାମ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଯାଞ୍ଚ ବେଳେ ସେମାନେ ଧରାପଡିଛନ୍ତି। ସେମାନଙ୍କୁ ଜରିମାନା ପକାଯାଇଥିବା ଗଞ୍ଜାମ ଆରଟିଓ ଇଂ.ଦେବାଶିଷ ସ୍ୱାଇଁ କହିଛନ୍ତି । ବିଭିନ୍ନ ଟିମ ପକ୍ଷରୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଯାଞ୍ଚ ସମୟରେ ୫୬ ଜଣ ଧରାପଡିଥିବା ଆରଟିଓ କହିଛନ୍ତି ।

ଗଞ୍ଜାମ ଜିଲାରେ ବିଶେଷ କରି ଦୁଇଚକିଆ ଯାନ ଦୁର୍ଘଟଣା ବେଶୀ ଘଟୁଛି। ହେଲମେଟ ବ୍ୟବହାର କରୁ ନ ଥିବାରୁ ଲୋକଙ୍କ ଜୀବନ ଯାଉଛି। ଏହାକୁ ରୋକିବା ପାଇଁ ଫେବୃଆରୀ ୮ରେ ସବୁ ସରକାରୀ କର୍ମଚାରୀ ସଡକ ସୁରକ୍ଷା ନିୟମକୁ କଠୋର ରୂପେ ପାଳନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଯେଉଁମାନେ ମାନିବେ ନାହିଁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଥିଲା । ଜିଲାରେ ଚଳିତ ବର୍ଷ ୨୦୨୬ ଜାନୁଆରୀରୁ ଫେବୃଆରୀ ମାସ ମଧ୍ୟରେ ୧୭୦ଟି ଦୁର୍ଘଟଣା ହୋଇଛି। ଏଥିରେ ୧୦୫ ଜଣଙ୍କ ମୃତ୍ୟୁ ଘଟିଛି। ୧୦୬ ଜଣ ଆହତ ହୋଇଛନ୍ତି। ଗଞ୍ଜାମ ଜିଲା ସଡକ ଦୁର୍ଘଟଣାଜନିତ ମୃତ୍ୟୁହାର କ୍ଷେତ୍ରରେ ଓଡ଼ିଶାରେ ଦ୍ୱିତୀୟ ସ୍ଥାନ ଓ ଜାତୀୟ ସ୍ତରରେ ୯୦ ସ୍ଥାନରେ ରହିଛି। ଆସନ୍ତା ୨୧ ତାରିଖରୁ ୩୧ ପର୍ଯ୍ୟନ୍ତ ଜିଲାରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ ବୋଲି ସ୍ୱାଇଁ ସୂଚନା ଦେଇଛନ୍ତି।

# ଆଇଜରର କ୍ୟାମ୍ପସ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

ଛତ୍ରପୁର,୧୨।୩(ଦିଲୀପ ସାମଲ):

ବ୍ରହ୍ମପୁରସ୍ଥିତ ଭାରତୀୟ ବିଜ୍ଞାନ ଶିକ୍ଷା ଏବଂ ଅନୁସନ୍ଧାନ ସଂସ୍ଥାନ(ଆଇଜର) କ୍ୟାମ୍ପସରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ବୈଠକ ସ୍ଥାନୀୟ ସଭାବନା ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତିଭାସନ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ କ୍ୟାମ୍ପସ ବିସ୍ତାର ପାଇଁ ଅତିରିକ୍ତ ଜମି ଆବଶ୍ୟକତା, କ୍ୟାମ୍ପସ ଉପରେ ସିଆରଜେଡ ଅଞ୍ଚଳର ପ୍ରଭାବ, ପୂର୍ତ୍ତ ବିଭାଗ ପକ୍ଷରୁ ଆଇଜର୍ ମୁଖ୍ୟ ପ୍ରବେଶଦ୍ୱାର ସମ୍ମୁଖରେ ଥିବା ରାସ୍ତାକୁ ପ୍ରଶସ୍ତ କରିବା, ଅବୈଧ ଦଖଲ ହଟାଇବା, ଗୋଳାବନ୍ଧରୁ ଆଇଜର ପର୍ଯ୍ୟନ୍ତ ବିକଳ୍ପ ରାସ୍ତା ତିଆରି କରିବା, ୧୫ ନଂ. ଜାତୀୟ ରାଜପଥର କନିସି ଓ ଡୁମଦୁମି ନିକଟରେ ସାଇନେଜ ଲଗାଇବା, ରାସ୍ତା ପାର୍ଶ୍ୱ ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତର, ଷ୍ଟ୍ରିଟ ଲାଇଟ ଓ ଲ୍ୟାମ୍ପ ପୋଷ୍ଟ ସ୍ଥାପନ, ୱାଟକୋ ପକ୍ଷରୁ ପାଇପ୍ ଲାଇନର ନିୟମିତ ରକ୍ଷଣାବେକ୍ଷଣ, ଜରୁରୀ ସମୟରେ ଟ୍ୟାଙ୍କର ଯୋଗେ ଜଳଯୋଗାଣ, ଆଇଜର୍ କ୍ୟାମ୍ପସ ନିକଟରେ ଏକ ସ୍ଥାୟୀ ପୋଲିସ ଆଉଟପୋଷ୍ଟ ସ୍ଥାପନ, ଆଉଟପୋଷ୍ଟ ସ୍ଥାପନ ପର୍ଯ୍ୟନ୍ତ ନିୟମିତ ପୋଲିସ ପାଟ୍ରୋଲିଂ ଆଦି ସମସ୍ତ ବିଷୟରେ ସମୀକ୍ଷା ହୋଇଥିଲା । ବ୍ରହ୍ମପୁରକୁ ମିଶାଇ ଦେଶରେ ମୋଟ ୭ଟି ଆଇଜର ଅଛି। ବିଜ୍ଞାନ ଏବଂ ଗବେଷଣା କ୍ଷେତ୍ରରେ ଭାରତର ଭବିଷ୍ୟତ ନିର୍ମାଣ କରୁଥିବା ଆଇଜର ଭଳି ଜାତୀୟ ସଂସ୍ଥାର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବା ଓ ସଠିକ ସମନ୍ୱୟ ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି । ବୈଠକରେ ଆଇଜର ନିର୍ଦ୍ଦେଶକ ପ୍ରଫେସର ଅଶୋକ ଗାଙ୍ଗୁଲି, ରେଜିଷ୍ଟ୍ରାର ପି କେ ରାୟ, ଅଧିକ୍ଷଣ ଯନ୍ତ୍ରୀ ଇଂ ଜଗନ୍ନାଥ ପାତ୍ର, ଇଂ ସଞ୍ଜୟ ମାଝୀ, ଡେପୁଟି ରେଜିଷ୍ଟ୍ରାର ଶକ୍ତି ରଞ୍ଜନ ପାତ୍ର, ପ୍ରଫେସର ପି ମଣ୍ଡଳ, ଡ଼ଃ ବୋଧିସତ୍ୱ ନନ୍ଦୀ ଓ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ ।

# ବ୍ରହ୍ମପୁରରେ ବିଜେଡି ପାଳିଲା ଅନ୍ତର୍ଜାତୀୟ ମହିଳା ଦିବସ

ବ୍ରହ୍ମପୁର,୧୨।୩(ଅଶୋକ କୁମାର ସାହୁ) ଗଞ୍ଜାମ କଳା ପରିଷଦ ସଭା ଗୃହରେ ଗଞ୍ଜାମ ଜିଲା ମହିଳା ବିଜେଡି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ସପ୍ତାହ ପାଳିତ ହୋଇଛି। ବିଜେଡି ସର୍ବଦା ମହିଳାଙ୍କ ସଶକ୍ତୀକରଣ ପାଇଁ କାମ କରି ଆସିଛି। ଚାଷୀ ଠାରୁ ଆରମ୍ଭ କରି ନିର୍ମାଣ କାର୍ଯ୍ୟରେ ନିୟୋଜିତ ମହିଳାମାନଙ୍କୁ ସମାନ ସୁଯୋଗ ଦେବାରେ ଦଳର ପ୍ରତିବଦ୍ଧତା ରହିଛି। ମହିଳାଙ୍କର ସାମାଜିକ, ଆର୍ଥିକ, ରାଜନୈତିକ ଓ ସାଂସ୍କୃତିକ ସଫଳତା ପାଇଁ ବିଜେଡିର ଉଦ୍ୟମ ଓଡ଼ିଶାର ମହିଳାମାନଙ୍କୁ ଆହୁରି ଅଧିକ ସଶକ୍ତ କରିବାରେ ସହାୟକ ହୋଇଛି । ମହିଳାଙ୍କ ସୁରକ୍ଷା ଉପରେ ନବୀନ ପଟନାୟକ ଗୁରୁତ୍ୱ ଦେଇ ଆସିଛନ୍ତି। ବର୍ତ୍ତମାନ ରାଜ୍ୟରେ ମହିଳାଙ୍କ ଉପରେ ଅତ୍ୟାଚାର ବଢ଼ିଚାଲିଛି। ରାଜ୍ୟର ଭାଜପା ସରକାର ମହିଳାଙ୍କ ସୁରକ୍ଷା ଉପରେ ଅଧିକ ଯତ୍ନବାନ ହେବା ଆବଶ୍ୟକ ବୋଲି ବିଜେଡିର ରାଜ୍ୟସ୍ତରୀୟ ମହିଳା ନେତାମାନେ ନିଜ ଭାଷଣରେ କହିଥିଲେ। କେବଳ ମାର୍ଚ୍ଚ ୮ ବୋଲି ନୁହଁ ପ୍ରତ୍ୟେକ ଦିନ ମହିଳାଙ୍କୁ ସମ୍ମାନ ଜଣାଇଲେ ପ୍ରତିଦିନ ମହିଳା ଦିବସ ହୋଇପାରିବ ବୋଲି



କାର୍ଯ୍ୟକ୍ରମରେ ଯୋଗଦେଇଥିବା ମେୟର ଓ ବିଜେଡି ନେତ୍ରୀମାନେ।

ଭୁବନେଶ୍ୱର ମେୟର ସୁଲୋଚନା ଦାସ କହିଛନ୍ତି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲା ବିଜେଡିର କାର୍ଯ୍ୟକାରୀ ସଭାପତି ଭଗବାନ ଗନ୍ତାୟତ, ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ରାଜେଶ୍ୱରୀ ଦୋରା, ପୂର୍ବତନ ବିଧାୟିକା ଲତିକା ପ୍ରଧାନ, ରଞ୍ଜିତା ସାହୁ, ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ, ସୂର୍ଯ୍ୟମଣି ବୈଦ୍ୟ, ରାଜ୍ୟ ମହିଳା ବିଜେଡ଼ି ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ,ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ବାଲେଶ୍ୱର ନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାର, ମହିଳା ନେତ୍ରୀ ଲୋପାମୁଦ୍ରା ବକ୍ସିପାତ୍ର, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ,ପୂର୍ବତନ ବିଧାୟକ ଡା.ରମେଶଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ ଏମ୍‌ପି ଚନ୍ଦ୍ର ଶେଖର ସାହୁ, ପୂର୍ବତନ ବିଧାୟକ ଶ୍ରୀକାନ୍ତ ସାହୁ, ପୂର୍ବତନ ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣାଙ୍କ ସମେତ ଦଳର ବହୁ ବରିଷ୍ଠ ନେତ୍ରୀ ଯୋଗ ଦେଇଥିଲେ। ବ୍ରହ୍ମପୁର ମହାନଗର ନିଗମର ବହୁ କର୍ପୋରେଟର ସମେତ ଜିଲ୍ଲାର ବିଭିନ୍ନ ପଂଚାୟତର ୱାର୍ଡ ସଦସ୍ୟ,ସରପଞ୍ଚ, ସମିତି ସଭ୍ୟ ଏବଂ କର୍ମୀ ଉପସ୍ଥିତ ରହିଥିଲେ ।

# ଶିରିଡ଼ି ସାଇ ଚରଣ ପାଦୁକା ଦର୍ଶନ

ବ୍ରହ୍ମପୁର,୧୨ ।୩(ସୁବାସ ଚନ୍ଦ୍ର ପାଢ଼ୀ): ବ୍ରହ୍ମପୁର ମହାନଗରରେ ଶ୍ରୀଶିରିଡି ସାଇ ଚରଣ ପାଦୁକା ଦର୍ଶନ ପ୍ରଥମ ଦିବସ ସମାରୋହ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ କ୍ରୀଡା ପ୍ରାଙ୍ଗଣରେ ଆୟୋଜିତ ସମାରୋହ ଅବସରରେ ଦକ୍ଷିଣ ଓଡିଶାର ବିଭିନ୍ନ ପ୍ରାନ୍ତରୁ ଆଗମନ କରିଥିବା ସାଇଭକ୍ତଗଣଙ୍କ ଶ୍ରୀଶିରିଡି ସାଇ ଚରଣ ପାଦୁକା ଦର୍ଶନର ସୁଯୋଗ ଲାଭ କରି ଆନନ୍ଦ ଅନୁଭବ କରିଛନ୍ତି। ଗୁରୁବାର ପୂର୍ବାହ୍ନରେ ସିରିଡି ସାଇ ସଂସ୍ଥାର ମୁଖ୍ୟ ନିର୍ବାହୀ ଅଧିକାରୀ ଗୋରକ୍ଷା ଗଡକିଲ, ପ୍ରଶାସନିକ ଅଧିକାରୀ ଅତୁଲ କୁଲକର୍ଣ୍ଣୀ ଓ ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀଙ୍କ ନେତୃତ୍ୱରେ ଶ୍ରୀ ଶିରିଡି ସାଇ ଚରଣ ପାଦୁକା ବ୍ରହ୍ମପୁର ମହାନଗରରେ ପ୍ରବେଶ କରିବା ପରେ ପ୍ରଥମେ ଗିରିରୋଡସ୍ଥିତ ଗୀତା ଭବନରେ ପହଞ୍ଚିଥିଲା। ସେଠାରେ ପାଦୁକା ଓ ଗୁରୁଜୀଙ୍କୁ ସ୍ୱାଗତ ନିମନ୍ତେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ପୂର୍ବତନ ବ୍ରହ୍ମପୁର ବିଧାୟକ ଡା. ରମେଶଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ବିବେକ ରେଡି, ବ୍ରହ୍ମପୁର ଅର୍ବାନ ବ୍ୟାଙ୍କ ସଭାପତି ଆର୍. ମୁରଲୀ ମୋହନ, ଜିଲ୍ଲା ଭାଜପା ସଭାପତି ସରୋଜ ସାବତ, କଂଗ୍ରେସ ନେତା ଦୀପକ ପଟ୍ଟନାୟକ, ଦୁର୍ଗା ମାଧବ ପଣ୍ଡା, ଆୟୋଜକ ସାଇ ଗ୍ଲୋବାଲ ଫାଉଣ୍ଡେସନ ଅଧ୍ୟକ୍ଷା ବୈଜୟନ୍ତି ମିଶ୍ର,ସମାରୋହର ସଂଯୋଜକ ପବିତ୍ର ମୋହନ ପାଣିଗ୍ରାହୀ ପ୍ରମୁଖଙ୍କ ସମେତ ସହରର ବହୁ ସାଇଭକ୍ତ ସମବେତ ହୋଇଥିଲେ। ସେଠାରେ ହିଞ୍ଜିଳିକାଟୁ ଓ ଚିକିଟି ସ୍ଥିତ ବେଦ କର୍ମକାଣ୍ଡ ବିଦ୍ୟାଳୟ ଶିକ୍ଷାର୍ଥୀ ମାନଙ୍କ ଦ୍ୱାରା ବେଦପାଠ କରାଯାଇଥିଲା। ଏହି ଅବସରରେ ଡାକ୍ତର ସାଇ ଆଶ୍ରିତ ଶୁଭ୍ରା ପାଳଙ୍କ ନେତୃତ୍ୱରେ ରକ୍ତଦାନ ଶିବିର ଓ ସ୍ୱାସ୍ଥ୍ୟ ଶିବିର ହୋଇଥିଲା।

# ବିଏମ୍‌ସି କମିଶନରଙ୍କ ବଦଳି ରଦ୍ଦ କରିବାକୁ ଦାବି

ବ୍ରହ୍ମପୁର,୧୨।୩(ଅଶୋକ କୁମାର ସାହୁ): ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କୁ ମାଲକାନାଗିରି ଜିଲାପାଳ ଭାବେ ବଦଳି କରିବା ବ୍ରହ୍ମପୁରର ବିକାଶକୁ ଦିଗହରା କରିବ ବୋଲି ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ଅଭିଯୋଗ କରିଛି। କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରି ଏହି ବଦଳି ଆଦେଶକୁ ବାତିଲ କରିବା ପାଇଁ ଅନୁରୋଧ କରିଛନ୍ତି। ପୂର୍ବବର୍ତ୍ତୀ କମିଶନରଙ୍କ ସମୟରେ ନିଗମ ସ୍ଥାଣୁ ହୋଇପଡ଼ିଥିବା ବେଳେ ରାଜସିର୍କେ ଯୋଗଦାନ ପରେ ବଡ଼ ପରିବର୍ତ୍ତନ ଆସିଥିଲା। ସେ ନିଗମକୁ କ୍ରିୟାଶୀଳ କରି ଲୋକଙ୍କ ନିକଟତର ହୋଇଥିଲେ । ଅନେକ ସଂସ୍କାର ମୂଳକ ପଦକ୍ଷେପ ନେଇଥିଲେ। ବିଶେଷତଃ ସହର ତଳି ଅଞ୍ଚଳ ଓ ୧୪ଟି ପାର୍ଶ୍ୱବର୍ତ୍ତୀ ପଞ୍ଚାୟତକୁ ବିଏମସିରେ ସାମିଲ କରିବାରେ ତାଙ୍କର ଭୂମିକା ଥିଲା। ବର୍ତ୍ତମାନ ତାଙ୍କ ବଦଳି ବ୍ରହ୍ମପୁରର ବିକାଶକୁ ବାଧା ଦେବ ବୋଲି କମିଟି ପକ୍ଷରୁ କୁହାଯାଇଛି। କମିଟି ଦାବି କରିଛି ଯେ ବରିଷ୍ଠ ଆଇଏଏସ ଅଧିକାରୀଙ୍କୁ କମିଶନର ଭାବେ ନିଯୁକ୍ତି ଦିଆଯାଉ। କନିଷ୍ଠ ଅଧିକାରୀଙ୍କୁ ନିଯୁକ୍ତି ଦେଲେ ପ୍ରମୋସନ ପରେ ସେମାନେ ଚାଲିଯାଆନ୍ତି, ଯାହା କାର୍ଯ୍ୟରେ ବାଧା ସୃଷ୍ଟି କରୁଛି। ତେଣୁ ରାଜସିର୍କେଙ୍କ ବଦଳି ବାତିଲ କରି ତାଙ୍କୁ ଆଉ ୨ବର୍ଷ ଏଠାରେ ରଖି ବ୍ରହ୍ମପୁରକୁ ବିକଶିତ ସହର କରିବା ପାଇଁ କମିଟି ମୁଖ୍ୟମନ୍ତ୍ରୀଙ୍କୁ ଇ ମେଲ ଜରିଆରେ ଅନୁରୋଧ କରିଛି।

# ଅପରାଧ ସମୀକ୍ଷା ବୈଠକ

ବ୍ରହ୍ମପୁର,୧୨ ।୩(ସୁବାସ ଚନ୍ଦ୍ର ପାଢ଼ୀ):

ବ୍ରହ୍ମପୁର ପୋଲିସ ଜିଲାର ସମସ୍ତ ଥାନାଧିକାରୀମାନଙ୍କୁ ନେଇ ଅପରାଧ ସମୀକ୍ଷା ବୈଠକ ଜିଲା ପୋଲିସ ମୁଖ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏସପି ଡା. ସର୍ବଣା ବିବେକ ଏମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସହରରେ ବର୍ତ୍ତମାନ ଉପୁଜିଥିବା ଟ୍ରାଫିକ ସମସ୍ୟାର ପରିଚାଳନା, ପୁରୁଣା ମାମଲାଗୁଡ଼ିକର ତଦନ୍ତ ଶେଷ କରିବାକୁ ପୋଲିସ ଅଧିକାରୀଙ୍କୁ କୁହାଯାଇଥିଲା। ବିଭିନ୍ନ ଥାନାରେ ବହୁତ ଦିନ ଧରି ବିଭିନ୍ନ ଆକରେ ପଡି ରହୁଥିବା ମାମଲାର ତୁରନ୍ତ ଫଇସଲା କରିବାକୁ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ବିଭିନ୍ନ କାରଣରୁ କେସ ପଡି ରହୁଥିବା ବେଳେ ତାହାର ଶୀଘ୍ର ସମାଧାନ କରିବାକୁ ସେ କହିଥିଲେ । ସେହିପରି ପ୍ରତ୍ୟେକ ଥାନାରେ ରୁଜୁ ହୋଇଥିବା ବଳାତ୍କାର ମାମଲା, ଠକେଇ, ନିଖୋଜ ମାମଲା ଓ ଅପମୃତ୍ୟୁ ମାମଲା ଗୁଡିକ ସମ୍ପର୍କରେ ସମୀକ୍ଷା କରିଥିଲେ। ରାତ୍ରି କାଳୀନ ପାଟ୍ରୋଲିଂ କଡାକଡି କରିବା ସହ ବିଭିନ୍ନ ବେଆଇନ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ଅପରାଧୀମାନଙ୍କୁ ଗିରଫ କରିବାକୁ କହିଥିଲେ। ସାଇବର ଅପରାଧୀଙ୍କୁ କିଭଳି ଭାବେ ଟ୍ରାକିଂ କରି ଧରାଯାଇପାରିବ ସେ ଦିଗରେ ଅଧିକରୁ ଅଧିକ ଦୃଷ୍ଟି ଦେବାକୁ ସେ ଥାନାଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଅତିରିକ୍ତ ଏସପି ଆଲୋକ ଜେନା ଓ କୈଳାସ ଚନ୍ଦ୍ର ବୁରୁଦା, ବ୍ରହ୍ମପୁର ଏସଡିପିଓ ପ୍ରିୟସରଞ୍ଜନ ଛୋଟରାୟ, ସଦର ଏସଡ଼ିପିଓ ଏସଏସ ପରିଡା, ମୁଖ୍ୟାଳୟରେ କାର୍ଯ୍ୟରତ ଡିଏସପି ତିରୁପତି ଚୌଧୁରୀ, ସମସ୍ତ ଥାନା ଅଧିକାରୀ ଉପସ୍ଥିତ ଥିଲେ ।

# ୫୭ କେଜି ଗଞ୍ଜେଇ ସହ କାର୍ ଜବତ ; ୪ ଗିରଫ

ଗୋପାଳପୁର,୧୨।୩(ନବୀନ ରାଜ ଆଚାରୀ) ଗଞ୍ଜାମ ଜିଲା ୧୬ ନଂ. ଜାତୀୟ ରାଜପଥ ଗୋପାଳପୁର ଥାନା ଅଧିନସ୍ଥ ଟାଟା ସୋରୁମ ନିକଟରେ ବୁଧବାର ରାତିରେ ଗଞ୍ଜେଇ ଚାଲାଣ ହେଉଥିବା ପୋଲିସ ଖବର ପାଇଥିଲା। ସେଠାରେ ପହଞ୍ଚି ଏକ କାରରୁ ୫୭ କିଲୋ ଗଞ୍ଜେଇ ଜବତ କରିବା ସହ ୪ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ହାଇଦ୍ରାବାଦର ଏ.ତିରୁପତି ନାୟକ(୨୯), ଗଜପତି ଜିଲା ମୋହନାର ଅଜିତ ଲିମା (୪୬), ମହାରାଷ୍ଟ୍ରର ଗୋବିନ୍ଦ ଭିକୁ ପାଟିଲ (୪୨) ଓ ସଚିନ ସୁଭାଷ ବାଗଲ(୪୨)। ସୂଚନାନୁଯାୟୀ, ବୁଧବାର ବିଳମ୍ବିତ ରାତି ଏହି ଥାନା ଅଧିନସ୍ଥ ଜାତୀୟ ରାଜପଥରେ ଗୋପାଳପୁର ପୋଲିସ ଟାଟା ସୋରୁମ ନିକଟରେ ପେଟ୍ରୋଲିଙ୍ଗ କରୁଥିବା ବେଳେ ଏକ କାରରେ ଗଞ୍ଜେଇ ଆସୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଗୋପାଳପୁର ଥାନାଧିକାରୀ ସତ୍ୟ ରଞ୍ଜନ ଲେଙ୍କାଙ୍କ ନିର୍ଦ୍ଦେଶ କ୍ରମେ ଏକ ପୋଲିସ ଟିମ ଛତ୍ରପୁର ପଟୁ ଏକ କାର ଆନ୍ଧ୍ର ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ଦେଖି ପୋଲିସ କାରଟିକୁ ଅଟକାଇ ଯାଞ୍ଚ କରିଥିଲା। ଡ଼ିକି ଭିତରେ ୩ଟି ଅଖାରେ ଗଞ୍ଜେଇ ରଖିବା ସହ ୪ ଜଣଙ୍କୁ ଥାନାକୁ ଆଣିଥିଲା। ପୋଲିସ ତଦନ୍ତରୁ ଗଞ୍ଜାମରୁ ମହାରାଷ୍ଟ୍ର ଯାଉଥିବା ଜାଣିବାକୁ ପାଇଥିଲା। ଗୁରୁବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ୫୭ କିଲୋ ଗଞ୍ଜେଇ, ବ୍ୟବହୃତ କାର, ୫ଟି ମୋବାଇଲ ଫୋନ ଓ ନଗଦ ୨୫ଶହ ଟଙ୍କା ଜବତ କରିଥିଲା। ଏ ନେଇ ଗୋପାଳପୁର ଥାନା କେଶ୍ ନଂ, ୧୪୪/୨୬ରେ ମାମଲା ରୁଜୁ କରିବା ସହ ସନ୍ଧ୍ୟାରେ ୪ ଜଣଙ୍କୁ କୋର୍ଟ ଚାଲାଣ କରିଥିଲା। ଏହି ଗଞ୍ଜେଇ ମହାରାଷ୍ଟ୍ର ଚାଲାଣ ହେଉଥିବା ନେଇ ପୋଲିସ ତଦନ୍ତରୁ ଜାଣାପଡ଼ିଛି।

### କାର୍ ଧକ୍କାରେ ଜଣେ ମୃତ

ପାତ୍ରପୁର,୧୨।୩(ଉମା ଚରଣ ନେପାକ): ଜରଡ଼ା ଥାନା ସୁରଙ୍ଗୀଠାରେ ବୁଧବାର ସନ୍ଧ୍ୟାରେ କାର୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁରଙ୍ଗୀ ଗ୍ରାମର ଅଭିମନ୍ୟୁ ଗୌଡ଼। ଅଭିମନ୍ୟୁ କୌଣସି କାମରେ ବଜାରକୁ ଯାଇଥିବା ବେଳେ ତାଙ୍କୁ ପଛପଟୁ କାର ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଅଭିମନ୍ୟୁଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଦୁର୍ଘଟଣା ଘଟାଇ ଥିବା କାର୍ ଡ୍ରାଇଭର ଗାଡି ନେଇ ଜରଡ଼ା ଥାନାରେ ଆତ୍ମସମର୍ପଣ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରିଛି ।

### ଯୁବତୀଙ୍କୁ ପ୍ରତାରଣା, ବନ୍ଧାହେଲେ ଯୁବକ

ବ୍ରହ୍ମପୁର,୧୨।୩(ସୁବାସ ଚନ୍ଦ୍ର ପାଢ଼ୀ): ଜଣେ ଯୁବତୀଙ୍କୁ ପ୍ରେମ କରି ଶାରିରୀକ ସମ୍ପର୍କ ରଖିବା ପରେ ପ୍ରତାରଣା କରିଥିବା ଅଭିଯୋଗରେ ବଡବଜାର ଥାନା ପୋଲିସ ଜଣେ ଯୁବକଙ୍କୁ ବାନ୍ଧିଛି। ସେ ହେଲେ ସଦର ଥାନା ଅନ୍ତର୍ଗତ ସୁକୁଣ୍ଡା ଗ୍ରାମର କାଳିଆ ସାହୁ(୨୧)। ଗୁରୁବାର ଏମକେସିଜି ମେଡିକାଲରେ ପୀଡ଼ିତା ଓ ଅଭିଯୁକ୍ତ କାଳିଆଙ୍କ ଡାକ୍ତରୀମାଇନା କରାଯାଇଛି। ମାମଲା ନଂ. ୧୭୦/୨୬ରେ କାଳିଆଙ୍କୁ କୋର୍ଟ ଚାଲାଣ କରାଯାଇଛି । ଗତବର୍ଷ ଦଣ୍ଡଯାତ୍ରା ବେଳେ କାଳିଆ ଉକ୍ତ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ। ବିଭିନ୍ନ ପ୍ରତିଶ୍ରୁତି ଦେଇ ସେ ଯୁବତୀଙ୍କ ଇଚ୍ଛା ବିରୋଧରେ ବିଭିନ୍ନ ସ୍ଥାନକୁ ନେଇ ବଳାତ୍କାର କରି ଆସୁଥିଲେ। ଯୁବତୀ ଗର୍ଭବତୀ ହେବାରୁ ବିବାହ କରିବାକୁ କାଳିଆଙ୍କୁ ବାଧ କରିଥିଲେ। କାଳିଆ ତାଙ୍କୁ ଜାତି ଆକ୍ଷେପ କରିବା ସହ ବିବାହ କରିବେ ନାହିଁ ବୋଲି ଧମକ ଦେଇଥିଲେ। ପ୍ରତାରଣାର ଶିକାର ହୋଇଥିବା ଜାଣିବା ପରେ ପୀଡିତା ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରିବା ସହ ପୀଡ଼ିତାଙ୍କ ବୟାନ ରେକର୍ଡ କରି କାଳିଆଙ୍କୁ ଗିରଫ କରିଥିଲା।

# ଗ୍ରୀନ୍‌ମ୍ୟାନ୍ ସୁଧୀରଙ୍କ ପ୍ଲାଷ୍ଟିକ୍‌ମୁକ୍ତ ପଦଯାତ୍ରା

ବ୍ରହ୍ମପୁର,୧୨।୩( ଅଶୋକ କୁମାର ସାହୁ):

ଓଡ଼ିଶାର 'ଗ୍ରିନମ୍ୟାନ' ଭାବେ ପରିଚିତ ପ୍ରସିଦ୍ଧ ଗାନ୍ଧୀବାଦୀ ଓ ପରିବେଶବିତ୍ ସୁଧୀର ରାଉତ ଗୁରୁବାର ତାଙ୍କର ୨୬ ଦିନିଆ ପ୍ଲାଷ୍ଟିକମୁକ୍ତ ଏକାକୀ ପଦଯାତ୍ରା ଆରମ୍ଭ କରିଛନ୍ତି। ଏହି ଯାତ୍ରା ମହାତ୍ମା ଗାନ୍ଧୀଙ୍କ ୧୯୩୦ ମସିହାର ଐତିହାସିକ ଦାଣ୍ଡି ମାର୍ଚ୍ଚର ଆତ୍ମାକୁ ପୁନର୍ଜୀବିତ କରି ଆଜିର ପରିବେଶ ସଙ୍କଟ ବିରୁଦ୍ଧରେ ଏକ ଶକ୍ତିଶାଳୀ ଅହିଂସାତ୍ମକ ପ୍ରତିରୋଧର ପ୍ରତୀକ ହୋଇଛି। ଗାନ୍ଧୀଜୀ ଯେପରି ବ୍ରିଟିଶ ଲବଣ ଏକଚାଟିଆ ଆଇନକୁ ଚ୍ୟାଲେଞ୍ଜ କରିବା ପାଇଁ ସାବରମତୀ ଆଶ୍ରମରୁ ଦାଣ୍ଡି ଯାଏଁ ୨୪୦ ମାଇଲ ପଦଯାତ୍ରା କରିଥିଲେ, ସୁଧୀର ରାଉତ ଆଜି ଏକବାର ବ୍ୟବହାର୍ଯ୍ୟ ପ୍ଲାଷ୍ଟିକ (ସିଙ୍ଗଲ ୟୁଜ ପ୍ଲାଷ୍ଟିକ) ଉପରେ



ନିର୍ଭରତାକୁ ଚ୍ୟାଲେଞ୍ଜ କରିବା ପାଇଁ ଏହି ପଦଯାତ୍ରା ଆରମ୍ଭ କରିଛନ୍ତି। ପଦଯାତ୍ରା ଏପ୍ରିଲ ୬ ଯାଏଁ ଚାଲିବ। ସୁଧୀର ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ନିକଟବର୍ତ୍ତୀ ରାସ୍ତାରେ ପ୍ରାତଃ ଭ୍ରମଣରେ ଆସୁଥିବା ଲୋକମାନଙ୍କୁ ସଚେତନ କରିବା ପାଇଁ ଏକାକୀ ଚାଲୁଛନ୍ତି। ଏକ ପ୍ଲାକାର୍ଡ ମାଧ୍ୟମରେ "ପଲିଥିନ ବ୍ୟାଗ, ଷ୍ଟ୍ର, କପ, ପ୍ଲେଟ, ଚାମଚ, ଗ୍ଲାସ,ବୋତଲ ଓ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ଏଡ଼ାଇବାକୁ ହେବ ଲେଖି ପ୍ରତିଦିନ ପ୍ରାୟ ୧୨ କିମି ଚାଲି ବ୍ରହ୍ମପୁରର ବିଭିନ୍ନ ଅଞ୍ଚଳରେ ପରିବେଶ ସଚେତନତା ସୃଷ୍ଟି କରୁଛନ୍ତି। ପଦଯାତ୍ରାରେ ସାମିଲ ହେବାକୁ କାହାକୁ ଅନୁରୋଧ କରିବେ ନାହିଁ। କିନ୍ତୁ ଯେଉଁମାନେ ସ୍ୱଇଚ୍ଛାରେ ଆସିବେ ସେମାନଙ୍କୁ ସ୍ୱାଗତ କରିବେ ବୋଲି ସୁଧୀର କହିଛନ୍ତି। ସେ ପୂର୍ବରୁ ବ୍ରହ୍ମପୁରର ଆର୍ଯ୍ୟଭଟ୍ଟ ଇ ଏଣ୍ଡ ଏନ ଫାଉଣ୍ଡେସନ ମାଧ୍ୟମରେ ଗଞ୍ଜାମର ଅନେକ ନଣ୍ଡା ପାହାଡକୁ ସବୁଜିମା କରି "ଗ୍ରିନମ୍ୟାନ" ଭାବେ ପରିଚିତ ହୋଇଛନ୍ତି। ଏବେ ପ୍ଲାଷ୍ଟିକ ପ୍ରଦୂଷଣ ବିରୁଦ୍ଧରେ ତାଙ୍କର ଏହି ପ୍ରୟାସ ପରିବେଶ ସଂରକ୍ଷଣ ଓ ସ୍ଥାୟୀ ବିକାଶ ପାଇଁ ଏକ ନୂଆ ଉଦାହରଣ ସୃଷ୍ଟି କରୁଛି।

# ଜଳବାୟୁ ଅନୁକୂଳ ଚାଷକୁ କଲେ ପ୍ରଶଂସା

ଭଞ୍ଜନଗର,୧୨।୩(ବାବୁଲା ପ୍ରଧାନ)

ଜଳବାୟୁ ପରିବର୍ତ୍ତନ ଯୋଗୁ ରାଜ୍ୟରେ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ଘଟୁଛି। ଗଞ୍ଜାମ ଜିଲ୍ଲାରେ ଏହାର ପ୍ରଭାବ ବିଗତ କିଛି ବର୍ଷ ମଧ୍ୟରେ ଅଧିକ ଦେଖିବାକୁ ମିଳିଛି। ସରକାର ମଧ୍ୟ ଜଳବାୟୁ ପରିବର୍ତ୍ତନକୁ ଦେଖି ଚାଷ କାର୍ଯ୍ୟ କରିବାକୁ ଚାଷୀଙ୍କୁ ପ୍ରୋତ୍ସାହନ ଦେଇ ଆସୁଛନ୍ତି। ଆର୍‌ଆଇଆଇଏସ୍‌ଆଇ ପ୍ରକଳ୍ପ ମାଧ୍ୟମରେ ଜଳବାୟୁ-ଅନୁକୂଳ କୃଷି ଉତ୍ପାଦନ ବୃଦ୍ଧି ପାଇଁ ସରକାର ପଦକ୍ଷେପ ନେଇଛନ୍ତି। ଏହି ପ୍ରକଳ୍ପ ଗଞ୍ଜାମ ଜିଲାରେ ସଫଳତାର ସହ କାର୍ଯ୍ୟକାରୀ କରାଯାଉଛି। ତେବେ ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ ପାଇଁ ଗୁରୁବାର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଏକ ଟିମ୍ ଭଞ୍ଜନଗର ଗସ୍ତରେ ଆସିଥିଲେ। ଟିମ ଅଧିକାରୀମାନେ ବିଭିନ୍ନ ଅଞ୍ଚଳ ପରିଦର୍ଶନ



କ୍ଷେତ୍ର ପରିଦର୍ଶନ କରୁଛନ୍ତି ଟିମ୍।

କରିବା ସହ ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରରେ ବିଭିନ୍ନ ଅଧିକାରୀ ଏବଂ ଚାଷୀଙ୍କ ସହ ଆଲୋଚନା କରି ଗଞ୍ଜାମ ଜିଲାର ଜଳବାୟୁ-ଅନୁକୂଳ ଚାଷ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଉପନିର୍ଦ୍ଦେଶକ ନୋଜମି ହସିମୋଟଙ୍କ ନେତୃତ୍ୱରେ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଆସିଥିବା ଏହି ଟିମ୍ ଜଗନ୍ନାଥପ୍ରସାଦ ଅଞ୍ଚଳରେ କ୍ଷେତ୍ର ପରିଦର୍ଶନ କରିଥିଲେ। ରାଇଜ ପ୍ରକଳ୍ପ ଅଧୀନରେ ଗ୍ରହଣ କରାଯାଇଥିବା ଗ୍ରାମଗୁଡ଼ିକ ପ୍ରଦର୍ଶନ କରିଥିଲେ। ରାଇଜ୍ ପ୍ରକଳ୍ପ ଅଧୀନରେ

### ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଉପ ନିର୍ଦ୍ଦେଶକଙ୍କ ଭଞ୍ଜନଗର ଗସ୍ତ

ଚାଲୁଥିବା ବିଭିନ୍ନ ଜଳବାୟୁ-ପ୍ରତିରୋଧୀ କୃଷି ପ୍ରଯୁକ୍ତିବିଦ୍ୟା ନିରୀକ୍ଷଣ କରିଥିଲେ। କ୍ଷେତ୍ର ପରିଦର୍ଶନ ସମୟରେ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ରାଜ୍ୟ ସଂଯୋଜକ ହିମାଂଶୁ ବଳ, ରାଜଶ୍ରୀ ପୁରୋହିତ, ସୁଦେଷ୍ଣା ମାୟା ସେନ, ଶିବାଶିଷ ପଣ୍ଡା, ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ସୁତନୁ ଶତପଥୀ, ଡ. ସନ୍ତୋଷ ସାମନ୍ତରାୟ, ଡ. ସିଦ୍ଧାର୍ଥ ରଣବିଜୁଲି, ଅନିତା ପାତ୍ର, ଜଗନ୍ନାଥପ୍ରସାଦ ବ୍ଲକ କୃଷି ଅଧିକାରୀ, ଇଫକୋ କିସାନର ସଂଘମିତ୍ରା ସ୍ୱାଇଁ, ରାକେଶ ସାହୁ, ରୁଦ୍ର ନାରାୟଣ ପାତ୍ର ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

